REGIONAL NEWS UNIT, AIR KATAKA

Evening Bulletin (6.45 PM)

25 November – 2026

****

ମୁଖ୍ୟ ସମ୍ବାଦ

- କୋଟିଆ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି, ବିଧାନସଭାରେ ତଥ୍ୟ ରଖିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।
- ଭୁବନେଶ୍ୱର ନିକଟସ୍ଥ ପାଣ୍ଡରାଠାରେ ପର୍ଯ୍ୟଟନର ବିକାଶ ପାଇଁ ୮୦ କୋଟି ଟଙ୍କା ବ୍ୟୟରେ ରିଭରଫ୍ରଣ୍ଟ ପ୍ରକଳ୍ପ ବିକଶିତ କରିବେ ସରକାର ।
- ୮୮୩ ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା ଆଜିଠାରୁ ଆରମ୍ଭ ।

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୩ ବର୍ଷରୁ କମ୍ ବିମ୍‌ଷ୍ଟେକ୍ ଆଥଲେଟିକ୍ ଚମ୍ପିଆନ୍‌ସିପ୍ ଆରମ୍ଭ ।
- ଭାରତ ସମେତ ୬ଟି ଦେଶର ୨୦୦ରୁ ଅଧିକ ଖେଳାଳିଙ୍କ ଅଂଶଗ୍ରହଣ ।

ବିଧାନସଭା-କୋଟିଆ ପ୍ରସଙ୍ଗ

କୋଟିଆ ପ୍ରସଙ୍ଗରେ ଯେକୌଣସି ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବିଧାନସଭାରେ ଶୂନ୍ୟକାଳରେ କଂଗ୍ରେସ ସଦସ୍ୟମାନେ ଏହି ବିଷୟରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରସଙ୍ଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଆଲୋଚନା କରିବା ପାଇଁ ଦାବି କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ରଭାବେ ଆଲୋଚନା କରିବା ପାଇଁ ରାଜସ୍ୱ ମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେବା ପରେ ଧାରଣାରତ ସଦସ୍ୟମାନେ ନିଜ ନିଜ ସ୍ଥାନକୁ ଫେରିଥିଲେ ଓ ପରବର୍ତ୍ତୀ ସମୟରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ଅପରାହ୍ଣ ଅଧିବେଶନରେ କୋଟିଆ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ଦାବିକରି କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ସମେତ ସମସ୍ତ ଦଳୀୟ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ଧାରଣା ଦେଇଥିଲେ ।

ରିଭରଫ୍ରଣ୍ଟ ପ୍ରକଳ୍ପ

ରାଜ୍ୟର ନଦୀଭିତ୍ତିକ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ଲକ୍ଷ୍ୟରେ ଭୁବନେଶ୍ୱର ନିକଟ ପାଣ୍ଡାରାଠାରେ ୮୦ କୋଟି ଟଙ୍କା ବ୍ୟୟରେ ରିଭରଫ୍ରଣ୍ଟ ପ୍ରକଳ୍ପ ବିକଶିତ କରାଯିବ । ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପ କୁଆଖାଇ ଓ କୁଶଭଦ୍ରା ନଦୀ

ମଧ୍ୟରେ ଥିବା ପ୍ରାକୃତିକ ଦ୍ୱୀପକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ, ସାଂସ୍କୃତିକ ଓ ମନୋରଞ୍ଜନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି ।

ଜଳସମ୍ପଦ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ମହାନଦୀ ରିଭରଫ୍ରଣ୍ଟ ବିକାଶ ଯୋଜନାର ଏକ ଅଂଶବିଶେଷ । ଏହି ଯୋଜନା ମାଧ୍ୟମରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ପର୍ଯ୍ୟଟନ, ପରିବେଶ ଓ ଆର୍ଥିକ ସମ୍ଭାବନାର ଉପଯୋଗ କରାଯିବ । ପ୍ରକଳ୍ପର ମୁଖ୍ୟ ଆକର୍ଷଣ ଭାବେ ୧ ଦଶମିକ ୫ କିଲୋମିଟର ଦୀର୍ଘ ନଦୀତଟ ପଦଚଲା ପଥ, ଘାଟ, ଭାସମାନ ଜେଟି, ସୁସଜ୍ଜିତ ଜନସ୍ଥାନ, ଦର୍ଶନୀୟ ସ୍ଥାନ ଏବଂ ସାଇକଲ ଓ ପଦଯାତ୍ରା ପଥ ନିର୍ମାଣ କରାଯିବ । ଏଠାରେ ମୁକ୍ତାକାଶ ରଙ୍ଗମଞ୍ଚ, ପିକ୍‌ନିକ ସ୍ଥଳ, ସାହସିକ କ୍ରୀଡ଼ାକ୍ଷେତ୍ର, ଯୋଗକେନ୍ଦ୍ର, ଫୁଡକୋର୍ଟ ଏବଂ ମନୋରଞ୍ଜନ ସ୍ଥାନ ବିକଶିତ ହେବ । ସରକାର ୨ହଜାର ୨୪୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ।

ଟିକସଦାତା ହବ୍

ଓଡ଼ିଶା ଆୟକର ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ୩ ଦିନିଆ ‘ଟିକସଦାତା ହବ୍ ୨୦୨୬’ ଆଜିଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ଟିକସଦାତାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି, କର ପ୍ରଦାନକୁ ପ୍ରୋତ୍ସାହନ ଏବଂ ଆୟକର ବିଭାଗ ଓ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ସଂପର୍କ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଆୟକର

ବିଭାଗ ସହିତ ପଶ୍ଚିମବଙ୍ଗ ଓ ସିକିମ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି ।

ନୋଟିସ ଜାରି

ବଲାଙ୍ଗୀରରୁ ଲଖ୍‌ନା ଭାୟା ପାଟଣାଗଡ ୧୦୨ ଦୈର୍ଘ୍ୟ କିଲୋମିଟର ଦୈର୍ଘ୍ୟ ରେଳପଥ ପାଇଁ ସରକାରଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି । ପୂର୍ବତଟ ରେଳପଥ ପକ୍ଷରୁ ଚଳିତମାସ ୨୩ ତାରିଖରେ ଏହି ରେଳ ଲାଇନ୍ ନିର୍ମାଣ ପାଇଁ ସ୍ୱତନ୍ତ୍ର ନୋଟିସ୍ ଜାରି କରାଯାଇଥିଲା ।

ସିବିଟି ପରୀକ୍ଷା ଆରମ୍ଭ

ଷ୍ଟେଟ୍ ସିଲେକ୍ସନ ବୋର୍ଡ ପକ୍ଷରୁ ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦବୀ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା-ସିବିଟି ଆରମ୍ଭ ହୋଇଛି । ଆସନ୍ତା ୨୭ ତାରିଖ, ଡିସେମ୍ବର ୧, ୨, ୩ ଓ ୪ ତାରିଖ ଦିନ ମଧ୍ୟ ଏହି ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ୩ଟି ସିଫ୍ଟରେ ସିବିଟି ପରୀକ୍ଷା ହେବ । ରାଜ୍ୟର ୭୯ଟି କେନ୍ଦ୍ରରେ ୧ଲକ୍ଷ ୧୬ହଜାର ୨୬୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଇଛି ।

ବିଭିନ୍ନ ସରକାରୀ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଖାଲିପଡିଥିବା ୮୮୩ଟି ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦବୀରେ ନିଯୁକ୍ତି ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି ।

ବିମ୍‌ଷ୍ଟେକ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ବିମ୍‌ଷ୍ଟେକ୍ ୨୩ ବର୍ଷ ବୟସରୁ କମ୍ ଆଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍ ୨୦୨୬ ଆଜିଠାରୁ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ଚମ୍ପିୟାନ୍‌ସିପ୍ ଆୟୋଜିତ ହେଉଛି । ଭାରତ ସମେତ ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଏବଂ ଶ୍ରୀଲଙ୍କାର ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଛନ୍ତି । ଉଭୟ ପୁରୁଷ ଓ ମହିଳା ବର୍ଗରେ ୩୨ଟି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଓଡ଼ିଶାରୁ ୪ଜଣ କ୍ରୀଡ଼ାବିତ୍ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ପ୍ରତିଯୋଗିତା ତିନିଦିନ ପର୍ଯ୍ୟନ୍ତ ଚାଲିବ ।

ହିଂସା ନିରୋଧ ଅନ୍ତର୍ଜାତୀୟ ଦିବସ

ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ହିଂସାକୁ ପ୍ରତିହତ କରିବା ନେଇ ଆଜି ଅନ୍ତର୍ଜାତୀୟ ଦିବସ ପାଳନ କରାଯାଉଛି । ଆଜିଠାରୁ ଆସନ୍ତା ଡିସେମ୍ବର ମାସ ୧୦ ତାରିଖ ମାନବିକ ଅଧିକାର ଦିବସ ପର୍ଯ୍ୟନ୍ତ ବିଶ୍ୱରେ ‘୧୬ଦିନିଆ ହିଂସା ନିରୋଧ ଅଭିଯାନ’ ପାଳନ କରାଯିବ । ଏହି ଅବସରରେ ଗଞ୍ଜାମ ଜିଲ୍ଲାରେ ୧୬ଦିନିଆ ଅଭିଯାନର ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ, ଜୁବେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ, ଓଡ଼ିଶା ଜୀବିକା

ମିଶନର ଅଧିକାରୀ, ବିଭିନ୍ନ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ସ୍କୁଲ କଲେଜର ଛାତ୍ରୀମାନେ ଯୋଗ ଦେଇଛନ୍ତି । ଯୌନ ଉତ୍ପୀଡନ ନିରୋଧ ଆଇନ୍ ୨୦୨୩ ଅନୁଯାୟୀ ମହିଳା ଓ ବାଳିକାଙ୍କ ପ୍ରତି ସମସ୍ତ ପ୍ରକାରର ହିଂସା ନିରୋଧ ନିମନ୍ତେ ଶପଥ ଗ୍ରହଣ କରାଯାଇଛି ।

ଜନଗଣନା

ଆଗାମୀ ଜନଗଣନା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ ଶିବିର ବରଗଡ ଜିଲ୍ଲା କୃଷି କାର୍ଯ୍ୟାଳୟଠାରେ ଆରମ୍ଭ ହୋଇଛି । ଦୁଇଟି ପର୍ଯ୍ୟାୟରେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏବଂ ପରେ ୩୦ ତାରିଖ ଠାରୁ ଆସନ୍ତାମାସ ୨ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ବ୍ଲକ ଓ ବିଜ୍ଞପିତ ଅଞ୍ଚଳ ପରିଷଦ-ଏନ୍ଏସିରୁ ଆସିଥିବା ୫୨ଜଣ କ୍ଷେତ୍ର ପ୍ରଶିକ୍ଷକ ଅଂଶଗ୍ରହଣ କରି ତାଲିମ ପ୍ରଦାନ କରୁଛନ୍ତି । ବରଗଡ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ବୈଠକ

ଢେଙ୍କାନାଳ ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା

ସୂଚନା ଅନୁସାରେ ଜାନୁଆରୀରୁ ଅକ୍ଟୋବର ମାସ ମଧ୍ୟରେ ଜିଲ୍ଲାରେ ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିଲା । ଏହି ସମୟରେ ଦୁର୍ଘଟଣାରେ ୧୬୮ଜଣଙ୍କର ମୃତ୍ୟୁ ହୋଇଥିଲା । ଗତବର୍ଷ ଏହି ସମୟ ମଧ୍ୟରେ ୩୫୭ଟି ଦୁର୍ଘଟଣା ଘଟିଥିବାବେଳେ ୧୫୮ ଜଣଙ୍କର ମୃତ୍ୟୁ ହୋଇଥିଲା । ମେରାମଣ୍ଡଳୀ ଅଞ୍ଚଳରେ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ୍ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଯାନବାହନ ଭିଡ଼ ଓ ଯାତାୟାତ ସମସ୍ୟାର ସମଧାନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହି ଅବସରରେ ସଡ଼କ ଦୁର୍ଘଟଣାରୁ ରକ୍ଷା କରୁଥିବା ୫ଜଣ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା ।

ପ୍ରବନ୍ଧ ପ୍ରତିଯୋଗିତା

ଢେଙ୍କାନାଳ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆଜି ବି.ବି. ହାଇସ୍କୁଲଠାରେ ଆୟୋଜିତ ହୋଇଯାଇଛି । ଏଥିରେ ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର ଏବଂ ପରଜଙ୍ଗରୁ ଆସିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜ୍ଞାନର ପରିସର ବୃଦ୍ଧି, ଯୁକ୍ତିସଂଗତ ଚିନ୍ତାଧାରା, ତର୍କଶକ୍ତି, ଅନୁସନ୍ଧାନମୂଳକ ମନୋଭାବ ଏବଂ ସୃଜନଶୀଳତାର ବିକାଶ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଆସନ୍ତା ୨୮ ତାରିଖ ଶନିବାର ହେବାକୁ ଥିବା ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ସ୍ୱଚ୍ଛ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଆଜି ମାଲକାନଗିରି ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ-୧ ଏବଂ ବାଲିମେଳାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ-୨ଠାରେ ତାଲିମ ଶିବିର ଆୟୋଜିତ ହୋଇଥିଲା ।

ସମୀକ୍ଷା

ମାଲକାନଗିରି ଜିଲ୍ଲାର ଉପାନ୍ତ ଅଞ୍ଚଳ ଚିତ୍ରକୋଣ୍ଡା ବ୍ଲକର ସାମଗ୍ରିକ ବିକାଶକୁ ଗତିଶୀଳ କରିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିକ୍ରେ ଚିତ୍ରକୋଣ୍ଡା ବ୍ଲକ ଗସ୍ତକରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି । ସେଠାରେ ଚାଲିଥିବା ରାସ୍ତାଘାଟ ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଚିତ୍ରକୋଣ୍ଡାଠାରେ ନିର୍ମାଣାଧୀନ ନୂତନ ତହସିଲ କାର୍ଯ୍ୟାଳୟ କୋଠାର ଅଗ୍ରଗତିର ଅନୁଧ୍ୟାନ କରାଯାଇଥିବା ଜଣାପଡିଛି ।

ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ପ୍ରଧାନମନ୍ତ୍ରୀଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୪୦ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ମତାମତ ରେକର୍ଡ କରିପାରିବେ । ଏଥିସହ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୭ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।